# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**06th May - 2024**

**News Editor : *Tapan Kumar Moharana***

**********************************

*Desk*

## ରାଜଭବନରେ ନରେନ୍ଦ୍ର ମୋଦି

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି । ରାତି ପ୍ରାୟ ୧୦ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା । ବିମାନ ବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ ପାରମ୍ପରିକ ବାଦ୍ୟ ସହ ନୃତ୍ୟଗୀତ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ରାଜଭବନ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା । ପ୍ରଧାନମନ୍ତ୍ରୀଙ୍କୁ ଦେଖିବାପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଶ୍ରୀ ମୋଦି ଗତକାଲି ରାଜଭବନରେ ରାତ୍ରିଯାପନ କରିଛନ୍ତି ।

*Ganjam, Nabarangpur/R*

## ପ୍ରଧାନମନ୍ତ୍ରୀ - ନିର୍ବାଚନ ପ୍ରଚାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥରପାଇଁ ଆଜି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗସ୍ତରେ ଯାଇ ବିଜୟ ସଙ୍କଳ୍ପ ସମାବେଶକୁ ସମ୍ବୋଧନ କରିବେ ।

ବ୍ରହ୍ମପୁର ସହର ଉପକଣ୍ଠ କନିସିଠାରେ ଆୟୋଜିତ ହେବାକୁ ଥିବା ଏହି ସମାବେଶରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

ସେହିଭଳି ନବରଙ୍ଗପୁର ଚିକିଲିଠାରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମରେ ଆଜି ପ୍ରଧାନମନ୍ତ୍ରୀ ଯୋଗଦେବେ ।

***Desk***

# ମୁଖ୍ୟମନ୍ତ୍ରୀ – କଳାହାଣ୍ଡି ଗସ୍ତ

ବି.ଜେ.ଡି.ର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କଳାହାଣ୍ଡି ଏବଂ ନୂଆପଡ଼ ଗସ୍ତରେ ଯାଇ ନିର୍ବାଚନ ପ୍ରଚାର କରିବେ । ଭବାନୀପାଟଣା ଏବଂ ପରେ ଖଡିଆଳଠାରେ ଜନସଭାରେ ଉଦ୍‌ବୋଧନ ଦେବେ । ସୂଚନାଯୋଗ୍ୟ, ଆସନ୍ତା ୧୩ ତାରିକରେ କଳାହାଣ୍ଡି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।

***Desk***

# ଜୟଶଙ୍କର

ବି.ଜେ.ପି. ନେତା ତଥା ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି କଟକ ଏବଂ ସମ୍ବଲପୁରଠାରେ ଦୁଇଟି ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇଥିଲେ । ସେ କହିଛନ୍ତି, ‘ମେକ୍ ଇନ୍ ଇଣ୍ଡିଆ’ ଯୋଜନା

ମାଧ୍ୟମରେ ଦେଶରେ ଆତ୍ମନିର୍ଭରତା ବୃଦ୍ଧି ପାଉଛି । ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଏବଂ 'ସବ୍ କା ସାଥ୍, ସବ୍ କା ବିକାଶ' ଚିନ୍ତାଧାରା ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଆସନ୍ତା ୧୦ ବର୍ଷ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

***Desk***

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ଏହି ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ । ବରଗଡ, ସୁନ୍ଦରଗଡ, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ସଂସଦୀୟ କ୍ଷେତ୍ର ଏବଂ ଏହି ନିର୍ବାଚନ ମଣ୍ଡଳୀ ପରିସରରେ ଆସୁଥିବା ୩୫ଟି ବିଧାନସଭା ଆସନଗୁଡିକ ପାଇଁ ଏକକାଳୀନ ଭୋଟ ନିଆଯିବ ।

***Desk***

# ଓ.ଜେ.ଇ.ଇ. ପରୀକ୍ଷା

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା - ଓ.ଜେ.ଇ.ଇ.-୨୦୨୪ ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ୩ଟି ଅଧିବେଶନରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ୬୫ ହଜାର ୭୪୨ ଜଣ ପରୀକ୍ଷାର୍ଥୀ ରାଜ୍ୟର ୫୭ଟି କେନ୍ଦ୍ରରେ ପରୀକ୍ଷା ଦେବେ । ସେହିଭଳି ରାଜ୍ୟ ବାହାରେ

କୋଲ୍‌କାତା, ପାଟନା ଏବଂ ରାଞ୍ଚି ସହରରେ ମଧ୍ୟ ଗୋଟିଏ ଲେଖାଏଁ ପରୀକ୍ଷା କେନ୍ଦ୍ର କରାଯାଇଛି ।

***Desk***

# ପରୀକ୍ଷା ଫଳ

ଆଇ.ସି.ଏସ୍.ଇ. ଦଶମ, ଦ୍ୱାଦଶ ଓ ସି.ଆଇ.ଏସ୍.ସି.ଇ. ପରୀକ୍ଷା ଫଳ ଆଜି ପ୍ରକାଶ ପାଇବ । ପୂର୍ବାହ୍ନ ୧୧ଟାରେ ସି.ଆଇ.ଏସ୍.ସି.ଇ.ର ୱେବ୍‌ସାଇଟ୍‌ରେ ଏହି ପରୀକ୍ଷା ଫଳକୁ ଅପ୍‌ଲୋଡ୍ କରାଯିବ । ସ୍କୋର୍‌କାର୍ଡ୍, ଡିଜି ଲକର୍ ଏବଂ ବୋର୍ଡ୍ ୱେବ୍‌ସାଇଟ୍ ଓ କ୍ୟାରିୟର୍ ପୋର୍ଟାଲ୍‌ରେ ମଧ୍ୟ ଏହା ଉପଲବ୍ଧ ହେବ ବୋଲି ସି.ଆଇ.ଏସ୍.ସି.ଇ. ପକ୍ଷରୁ କୁହାଯାଇଛି । ଆସନ୍ତା ୧୦ ତାରିଖ ସୁଦ୍ଧା ୧ ହଜାର ଟଙ୍କା ଫି' ଦାଖଲ ସହ ଛାତ୍ରଛାତ୍ରୀମାନେ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିପାରିବେ ବୋଲି ବୋର୍ଡ୍ ପକ୍ଷରୁ କୁହାଯାଇଛି ।

***Puri/R***

# ଶ୍ରୀମନ୍ଦିର - ପଇତା ଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କର ଆଜି ବୈଶାଖ ଶୁକ୍ଳ ତ୍ରୟୋଦଶୀ ତିଥିରେ ପଇତା ଲାଗି ନୀତି ଅନୁଷ୍ଠିତ ହେବ । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ

ରହିବ । ଏହି ଗୁପ୍ତନୀତିକୁ ଦଇତାପତି ଓ  ଅନ୍ୟାନ୍ୟ ସେବାୟତମାନେ ସମ୍ପାଦନ କରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

***IPR***

## ଧରଣୀଧର ଜୟନ୍ତୀ

ମହାନ୍ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କର ମାଟି ଓ ଜାତିପ୍ରୀତିର ପଟାନ୍ତର ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶୀକାନ୍ତ ମିଶ୍ର କହିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି, ଧରଣୀଧରଙ୍କ ବ୍ୟକ୍ତିତ୍ୱ ଥିଲା ସଂଗ୍ରାମ ଓ ସନ୍ନ୍ୟାସର ସମନ୍ୱୟ, ବିପ୍ଳବ ଓ ଭକ୍ତିର ମିଳନ ।

***Desk***

## ଯାଞ୍ଚ - ଟଙ୍କା ଜବତ୍

ନୂଆପଡ଼ା ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଯାଞ୍ଚ୍ ପ୍ରକ୍ରିୟାକୁ ଜୋର୍‌ଦାର କରାଯାଇଛି । ଗତକାଲି ସାଇପଲା ଚେକ୍‌ପୋଷ୍ଟଠାରେ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୧ ଲକ୍ଷ ୨୮ ହଜାର ଟଙ୍କା ଜବତ କରାଯାଇଛି । ଏପର୍ଯ୍ୟନ୍ତ ଜିଲ୍ଲାରୁ

ଯାଞ୍ଚ୍ ସମୟରେ ମୋଟ୍ ୧୧ ଲକ୍ଷ ୫୫ ହଜାର ଟଙ୍କା ଜବତ କରାଯାଇଥିବା ପୁଲିସ୍ ସୂଚନା ଦେଇଛି ।

***Desk***

## ଚାରୁକଳା ପ୍ରଦର୍ଶନୀ

ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୪୧ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀର ଶୁଭାରମ୍ଭ ହୋଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀରେ ରାଜ୍ୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀଙ୍କ କଳାକୃତି ସହ ୮୮ଟି ଚିତ୍ରକଳା, ୩୫ଟି ଭାସ୍କର୍ଯ୍ୟ, ୧୨ଟି ମୁଦ୍ରଣ କଳା ଏବଂ ୮ଟି ପାରମ୍ପରିକ କଳା ପ୍ରଦର୍ଶିତ ହେଉଛି ।

***Desk***

## ପାଣିପାଗ

ଉତ୍ତର ଉପକୂଳ ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ଅଂଚଳରେ ଆଜିଠାରୁ ୮ ତାରିଖ ପର୍ଯ୍ୟନ୍ତ ଝଡ଼ବର୍ଷା ଯୋଗୁଁ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏହି ସମୟରେ ଉପକୂଳ ଅଂଚଳରେ ମଧ୍ୟ ପବନର ବେଗ ହାରାହାରି ୫୦

କିଲୋମିଟର ପର୍ଯ୍ୟନ୍ତ ରହିପାରେ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

*****